# ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ

**ସିଏମପି ସଂଖ୍ୟା 4 /2023**

*ସୁଲୋଚନା ପରିଡ଼ା ଏବଂ ଅନ୍ୟମାନେ* *ଆବେଦନକାରୀମାନେ*

ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ପଣ୍ଡା, ଅଧିବକ୍ତା

*-ବନାମ -*

*କାମିନୀ ପରିଡ଼ା ଏବଂ ଅନ୍ୟମାନେ* *ପ୍ରତିପକ୍ଷମାନେ*

ଶ୍ରୀଯୁକ୍ତ ମୋନ୍ମୟ ବାସୁ,ଅଧିବକ୍ତା
(ପ୍ରତିପକ୍ଷ ସଂଖ୍ୟା .1 ରୁ 4 ଏବଂ 7 ପାଇଁ)

**ପୀଠାସୀନ :**

**ନ୍ୟାୟମୂର୍ତ୍ତି କେ. ଆର୍. ମହାପାତ୍ର**

**ଆଦେଶ**

**ଆଦେଶ ସଂଖ୍ୟା.** **24.07.2023**

6. 1 . ଏହି ପ୍ରସଙ୍ଗକୁ ସଂଯୁକ୍ତ ପ୍ରଣାଳୀ ମାଧ୍ୟମରେ ନିଆଯାଇଛି ।

2 . ପ୍ରତିପକ୍ଷ ସଂଖ୍ୟା. 1 ଏବଂ 7 ତରଫରୁ ହାଜର ହେଇଥିବା ବିଜ୍ଞ ଅଧିବକ୍ତା, ଶ୍ରୀଯୁକ୍ତ ବାସୁ ନ୍ୟାୟାଳୟରେ ପ୍ରତିପକ୍ଷ ସଂଖ୍ୟା 2 ରୁ 4 ତରଫରୁ ମଧ୍ୟ ଅଧିବକ୍ତାଙ୍କ କ୍ଷମତାପତ୍ର ଦାଖଲ କରିଛନ୍ତି, ଯାହାକୁ ନଥିଭୁକ୍ତ କରାଯାଇଛି । ସେ ପ୍ରତିପକ୍ଷ ସଂଖ୍ୟା 7 ପାଇଁ ଏକ ସତ୍ୟପାଠ ମଧ୍ୟ ଦାଖଲ କରିଛନ୍ତି ଯେଉଁଥିରେ ଦର୍ଶାଯାଇଛି ଯେ 2021 ଠାରୁ ପ୍ରତିପକ୍ଷ ସଂଖ୍ୟା 11 - ମମତା ପରିଡ଼ା ନିଃସନ୍ତାନ ଥାଇ ମୃତ୍ୟୁବରଣ କରିଛନ୍ତି ଏବଂ ସେଥିପାଇଁ ଏହି ମାମଲାରେ ପ୍ରତିପକ୍ଷ ସଂଖ୍ୟା 11 ଙ୍କର କୌଣସି ପ୍ରତିସ୍ଥାପନର ଆବଶ୍ୟକତା ନାହିଁ ।

3 . ପ୍ରତିପକ୍ଷ ଦଳ ସଂଖ୍ୟା 1 ରୁ 7 ଙ୍କ ପାଇଁ ଅସୁବିଧା ଉପୁଜିବାର ସମ୍ଭାବନା ଥିଲେ ମଧ୍ୟ ପ୍ରତିପକ୍ଷ ଦଳ ସଂଖ୍ୟା 11 ର ନାମ ଅପସାରଣ କରାଯିବା ପାଇଁ, ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ. ପଣ୍ଡା ଉପସ୍ଥାପନ କରିଛନ୍ତି ।

4 . ପକ୍ଷମାନଙ୍କ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା କରାଯାଇଥିବା ଉପସ୍ଥାପନକୁ ବିଚାରକୁ ନେଇ, ପ୍ରତିପକ୍ଷ ସଂଖ୍ୟା 1 ରୁ 4 ଏବଂ 7ଙ୍କ ପାଇଁ ଅସୁବିଧା ଉପୁଜିବାର ସମ୍ଭାବନା ଥିଲେ ମଧ୍ୟ, ପ୍ରତିପକ୍ଷ ସଂଖ୍ୟା 11 - ମମତା ପରିଡ଼ାଙ୍କ ନାମ, ବାଦ ଶୀର୍ଷକ ରୁ ଅପସାରଣ କରାଯାଉ ।

5 . ବିଜ୍ଞ ଦେୱାନୀ ବିଚାରପତି (କନିଷ୍ଠ ପ୍ରଭାଗ) ଦ୍ୱିତୀୟ ନ୍ୟାୟାଳୟ, କଟକଙ୍କ ସିଏସ୍ ସଂଖ୍ୟା. 134/2008 ଏବଂ ସିଏସ୍ ସଂଖ୍ୟା. 58/2003 ମାମଲାରେ

ପାରିତ 3 ଡିସେମ୍ବର, 2022 (ସଂଲଗ୍ନକ-1) ତାରିଖର ଆଦେଶକୁ ଏହି ସିଏମପି ରେ ଆପତ୍ତି କରାଯାଇଛି, ଯେଉଁଥିରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଅର୍ଜି ସଂଶୋଧନ ପାଇଁ ଏକ ଆବେଦନକୁ ଆଂଶିକ ଭାବରେ ଅନୁମତି ଦିଆଯାଇଛି । ଏହି ସିଏମପି ରେ ଆବେଦନକାରୀମାନେ ଅର୍ଜିର ସଂଶୋଧନକୁ ବାରଣ କରୁଥିବା ଆଦେଶର ଅଂଶକୁ ଆପତ୍ତି କରିଛନ୍ତି ।

6 . ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ. ପଣ୍ଡାଙ୍କର ଉକ୍ତି ଯେ ଶ୍ୟାମ ସୁନ୍ଦର ଏବଂ ରାଧୁ ପରିଡ଼ାଙ୍କ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ବଣ୍ଟୁଆରା ଦଲିଲଟି ଜାଲିଆତିର ପରିଣାମ ଏବଂ ତାର ପରିଣାମ ମୂଳକ ପ୍ରତିକାର ପାଇଁ ଏହି ସିଏସ୍ ମାମଲା ସଂଖ୍ୟା. 58/2003 ଦାଖଲ କରାଯାଇଛି । ମକଦ୍ଦମାଟି ବିଚାରଧୀନ ଥିବା ସମୟରେ, ବାଦୀ / ଆବେଦନକାରୀମାନେ କେତେକ ପ୍ରତିବାଦୀଙ୍କୁ ମକଦ୍ଦମାର ପକ୍ଷ ଭାବରେ ଅନ୍ତର୍ଭୁକ୍ତ କରିବା ପାଇଁ ଏବଂ ଫଳସ୍ୱରୂପ ଔପଚାରିକ ପ୍ରତିବାଦୀଙ୍କ କ୍ରମିକ ସଂଖ୍ୟା ପରିବର୍ତ୍ତନ କରିବା ପାଇଁ, ଅର୍ଜିର ସଂଶୋଧନ ପାଇଁ ଏକ ଆବେଦନ ଦାଖଲ କରିଥିଲେ । RSD ସଂଖ୍ୟା. 1896, ତା 30 ଅପ୍ରିଲ, 1999 ରିଖର ବୈଧତା ସମ୍ପର୍କରେ ଆବେଦନକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ଅନୁରୋଧ ମଧ୍ୟ କରାଯାଇଥିଲା । ଆହୁରି, ଅର୍ଜିରେ ସଂଶୋଧନ ମାଧ୍ୟମରେ ବିକ୍ରୟ ଦଲିଲକୁ ଅବୈଧ ଘୋଷଣା କରିବା ପାଇଁ ଅନୁରୋଧ ମଧ୍ୟ କରାଯାଇଥିଲା । ବିଚାର କରୁଥିବା ବିଜ୍ଞ ନ୍ୟାୟାଳୟ, ପକ୍ଷମାନଙ୍କୁ ଅନ୍ତର୍ଭୁକ୍ତ କରିବା ଏବଂ ଔପଚାରିକ ପ୍ରତିବାଦୀଙ୍କ କ୍ରମିକ ସଂଖ୍ୟା ପରିବର୍ତ୍ତନ କରିବା ପାଇଁ ଆବେଦନକୁ ଅନୁମତି ଦେବା ସହ ଅର୍ଜିରେ ମୂଳ ଅଭିବଚନ କୁ ଅନ୍ତର୍ଭୁକ୍ତ କରିବାର ସଂଶୋଧନ ଅନୁରୋଧକୁ ଏବଂ 30 ଅପ୍ରିଲ, 1999 ର ବିକ୍ରୟ ଦଲିଲ କୁ ଅବୈଧ ଘୋଷଣା କରିବା ପାଇଁ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲେ । ତେଣୁ ଏହି ସିଏମପି ଦାଖଲ କରାଯାଇଛି ।

6.1 ବାଦୀ/ଆବେଦନକାରୀଙ୍କ ବିଜ୍ଞ ଅଧିବକ୍ତା ଶ୍ରୀ. ପଣ୍ଡା ଏହି ନିବେଦନ କରନ୍ତି ଯେ ବିଚାର କରୁଥିବା ବିଜ୍ଞ ନ୍ୟାୟାଳୟ, ଦୁଇଟି କାରଣ ଆଧାରରେ ସଂଶୋଧନକୁ ପ୍ରତ୍ୟାଖ୍ୟାନ କରିଛନ୍ତି, ବିଶେଷ କରି ଏହା ଯେ ଅନୁରୋଧ କରାଯାଇଥିବା ସଂଶୋଧନ ସିମୀତତା ଆଧାରରେ ବାରଣ କରାଯାଇଛି ଏବଂ ଏହା ନ୍ୟାୟାଳୟର ଆର୍ଥିକ ଆଧିପତ୍ୟକୁ ଛଡ଼ାଇନେବ । ଏହା ତାଙ୍କର ଉକ୍ତି ଯେ ଏକ ଅତିରିକ୍ତ ପ୍ରସଙ୍ଗ ପ୍ରସ୍ତୁତ କରି ଶୁଣାଣି ସମୟରେ ସମୟ ସୀମା ବିଷୟକ ପ୍ରଶ୍ନର ବିଚାର କରାଯାଇପାରିବ । 30 ଅପ୍ରିଲ, 1999 ତାରିଖର ବିକ୍ରୟ ଦଲିଲର ବୈଧତା ବଣ୍ଟୁଆରା ଦଲିଲ ର ବୈଧତା ସମ୍ବନ୍ଧୀୟ ବିଚାର ଉପରେ ନିର୍ଭର କରେ, ଯାହାକୁ

ଆପତ୍ତି କରାଯାଇଅଛି । ଏକ ପୃଥକ ମକଦ୍ଦମା ଦାଖଲ କରିବା ପରିବର୍ତ୍ତେ, ପକ୍ଷମାନଙ୍କ ମଧ୍ୟରେ ବିବାଦର ନ୍ୟାୟପୂର୍ଣ୍ଣ ନିର୍ଣ୍ଣୟ କରିବା ହେତୁ ନ୍ୟାୟାଳୟଙ୍କର ନ୍ୟାୟିକ ସମୟ ସଞ୍ଚୟ କରିବା ପାଇଁ, ବାଦୀ /ଆବେଦନକାରୀମାନେ ଅର୍ଜିର ସଂଶୋଧନ ପାଇଁ ଅନୁରୋଧ କରିଥିଲେ । ସେ ଆହୁରି ଉପସ୍ଥାପନ କରନ୍ତି ଯେ ଅର୍ଜିର ସଂଶୋଧନ ଦ୍ୱାରା ନ୍ୟାୟାଳୟର ଆର୍ଥିକ ଆଧିପତ୍ୟ ପ୍ରତ୍ୟାହୃତ ହେବ, କେବଳ ଏହି ଆଧାରରେ ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ଉଚିତ ନୁହେଁ । ତେଣୁ ସେ ଅର୍ଜିର ସଂଶୋଧନକୁ ପ୍ରତ୍ୟାଖ୍ୟାନ କରିବା ପରିପ୍ରେକ୍ଷୀରେ ଏହି ଆକ୍ଷେପିତ ଆଦେଶକୁ ରଦ୍ଦ କରିବା ପାଇଁ ଆବେଦନ କରିଛନ୍ତି ଏବଂ ଆବେଦନକାରୀଙ୍କୁ ପ୍ରସ୍ତାବିତ ସଂଶୋଧନକୁ ସାମିଲ କରିବାର ଅନୁମତି ପାଇଁ ଆବେଦନ କରିଛନ୍ତି ।

7. ପ୍ରତିପକ୍ଷ ଦଳ ସଂଖ୍ୟା.1 ରୁ 4 ଏବଂ 7 ଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ବାସୁ, ଉପରୋକ୍ତ ନିବେଦନକୁ ତୀବ୍ର ବିରୋଧ କରିଛନ୍ତି । ଏହା ତାଙ୍କର ଉକ୍ତି ଯେ ମକଦ୍ଦମା ଦାଖଲ କରିବା ତାରିଖରେ, ବିଚାରାଧୀନ ବିକ୍ରୟ ଦଲିଲ ଟି ଅଭିଯୋଗକାରୀଙ୍କ ଜ୍ଞାନର ପରିସର ମଧ୍ୟରେ ଥିଲା । ଆଦେଶ I ନିୟମ 10 (2)CPC ଅଧୀନରେ ଉପରୋକ୍ତ ବିକ୍ରୟ ଦଲିଲ କ୍ରୟକାରୀଙ୍କୁ ପକ୍ଷଭୁକ୍ତ କରିବା ସମୟରେ ବାଦୀମାନେ ମଧ୍ୟ ଅର୍ଜିରେ ସଂଶୋଧନ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ । ଯେତେବେଳେ ମକଦ୍ଦମାକୁ ଶୁଣାଣି ପାଇଁ ପଠାଯାଇଥିଲା, ସେତେବେଳେ କାର୍ଯ୍ୟାନୁଷ୍ଠାନକୁ ବିଳମ୍ବିତ କରିବା ପାଇଁ ଏପରି ଆବେଦନ ପ୍ରସ୍ତୁତ କରାଯାଇଛି । ଏହା ତାଙ୍କର ନିବେଦନ ଯେ ପୂର୍ବରୁ, ବାଦୀ/ଆବେଦନକାରୀମାନେ ଡବ୍ଲ୍ୟୁ.ପି.(ସି) ସଂଖ୍ୟା 659 /2011 ରେ ଏହି ନ୍ୟାୟାଳୟରେ ମକଦ୍ଦମାର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିବାକୁ ପ୍ରତ୍ୟାଖ୍ୟାନ କରାଯାଇଥିବା ଆଦେଶକୁ ଦୃଢ ଭାବରେ ଆପତ୍ତି କରିଥିଲେ । ଶେଷରେ, ବାଦୀ/ଆବେଦନକାରୀମାନେ ଉକ୍ତ ରିଟ୍ ଆବେଦନକୁ ପ୍ରତ୍ୟାହାର କରିନେଇଥିଲେ । ତେଣୁ ବାଦୀମାନେ ମୋକଦ୍ଦମାକୁ ବିଳମ୍ବିତ କରିବା ପାଇଁ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରିଛନ୍ତି । ତେଣୁ, ବିଚାର କରୁଥିବା ବିଜ୍ଞ ନ୍ୟାୟାଳୟ ଉପରୋକ୍ତ ସଂଶୋଧନ ପାଇଁ ଆବେଦନକୁ ପ୍ରତ୍ୟାଖ୍ୟାନ କରିବାରେ କୌଣସି ତ୍ରୁଟି କରିନାହାନ୍ତି ।

8. ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଉପସ୍ଥାପନ ଗୁଡ଼ିକୁ ବିଚାରକୁ ନେଇ, ଏହି ନ୍ୟାୟାଳୟ ଜାଣିବାକୁ ପାଇଛନ୍ତି ଯେ ମକଦ୍ଦମାର ଶୁଣାଣି ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ଅବଶ୍ୟ, ଏହି ମକଦ୍ଦମା 2003 ମସିହାର ଅଟେ ଏବଂ ଏହା ବିଜ୍ଞ ଦେୱାନୀ ବିଚାରପତି (କନିଷ୍ଠ ପ୍ରଭାଗ) ଦ୍ୱିତୀୟ ନ୍ୟାୟାଳୟ, କଟକ ଙ୍କ ସମ୍ମୁଖରେ

ବିଚାରାଧୀନ ରହିଛି । କେବଳ ଏହି ହେତୁ ଯେ ନ୍ୟାୟାଳୟର ଆର୍ଥିକ ଆଧିପତ୍ୟକୁ ଅର୍ଜି ସଂଶୋଧନ ଦ୍ୱାରା ପ୍ରତ୍ୟାହାର କରିନିଆଯିବ, ଏହା ଆବେଦନକୁ ପ୍ରତ୍ୟାଖ୍ୟାନ କରିବାର ଏକମାତ୍ର ଆଧାର ହୋଇପାରିବ ନାହିଁ । ଯେହେତୁ ବାଦୀ / ଆବେଦନକାରୀମାନେ ଉପରୋକ୍ତ ବଣ୍ଟନଆରା ଦଲିଲ କୁ ଅବୈଧ ଘୋଷଣା କରିବା ପାଇଁ ନିବେଦନ କରିଛନ୍ତି, ବିଚାର କରୁଥିବା ବିଜ୍ଞ ନ୍ୟାୟାଳୟ 30 ଅପ୍ରିଲ, 1999 ର RSD ର ବୈଧତା ସମ୍ବନ୍ଧୀୟ ଆବେଦନ ତଥା ଅନୁରୋଧକୁ ଅନ୍ତର୍ଭୁକ୍ତ କରୁଥିବା ସଂଶୋଧନ ଉପରେ ବିଚାର କରିବା ଉଚିତ ଥିଲା, କାରଣ ଏହା ଏଭଳି ବିଭାଜନର ପରିଣାମ, ଯାହାକୁ ଆପତ୍ତି କରାଯାଇଛି । ଯଦି ଆବେଦନକାରୀମାନଙ୍କୁ / ବାଦୀଙ୍କୁ ଏହି ପର୍ଯ୍ୟାୟରେ ସଂଶୋଧନକୁ ଅନ୍ତର୍ଭୁକ୍ତ କରିବାକୁ ଅନୁମତି ଦିଆଯାଏ ନାହିଁ, ତେବେ ଏହା ବହୁବିଧ ମାଲିମକଦ୍ଦମା ସୃଷ୍ଟି କରିପାରେ ।  ବିଭାଜନର ବୈଧତା ତଥା ବିକ୍ରୟ ଦଲିଲ ର ପରିଣାମୀ କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ମାଲିମକଦ୍ଦମା ବିବାଦର ନ୍ୟାୟ ନିର୍ଣ୍ଣୟର ସମୟ ଅବଧିକୁ ହ୍ରାସ କରିବା ପାଇଁ, ଏହି ନ୍ୟାୟାଳୟ ଅନୁଭବ କରନ୍ତି ଯେ ବିଚାର କରୁଥିବା ବିଜ୍ଞ ନ୍ୟାୟାଳୟ ସଂଶୋଧନକୁ ଅନୁମତି ଦେବା ଉଚିତ ହୋଇଥାନ୍ତା; ଯାହା ନିଶ୍ଚିତ ଭାବରେ ଏତଦ୍ ଜନିତ ସମୟ ସୀମାର ପ୍ରଶ୍ନ ଉପରେ ନିର୍ଭର କରେ । ଯଦି ସଂଶୋଧନ ପାଇଁ ଅନୁରୋଧ ଉପରେ ସମୟ ସୀମା ଆଧାରରେ ଆପତ୍ତି ଉଠାଯାଏ, ତେବେ ଅନୁରୋଧ କରାଯାଇଥିବା ସଂଶୋଧନକୁ ଦ୍ୱାରଦେଶରୁ  ପ୍ରତ୍ୟାଖ୍ୟାନ କରିବା ଉଚିତ ନୁହେଁ, ବିଶେଷ କରି ଯେତେବେଳେ ନଥିଗତ ତଥ୍ୟ ର ବ୍ୟାଖ୍ୟା ଉପରେ ସମୟ ସୀମା ସମ୍ବନ୍ଧୀୟ ଆପତ୍ତି ନିର୍ଭରଶୀଳ । ଏପରି କ୍ଷେତ୍ରରେ ସମୟ ସୀମା ସମ୍ବନ୍ଧୀୟ ପ୍ରଶ୍ନ ଉପରେ ଏକ ପ୍ରସଙ୍ଗ ପ୍ରସ୍ତୁତ କରି ନିଷ୍ପତ୍ତି ନିଆଯାଇ ପାରେ ।

8.1 ଏହି ମାମଲାକୁ ଦୃଷ୍ଟିରେ ରଖି, ଏହି ନ୍ୟାୟାଳୟ ଅନୁଭବ କରନ୍ତି ଯେ ଅନୁରୋଧ କରାଯାଇଥିବା ସଂଶୋଧନକୁ ଅନୁମତି ଦିଆଯିବା ଉଚିତ ଥିଲା ।

9. ତଦନୁସାରେ, ଉପରୋକ୍ତ ସଂଶୋଧନକୁ ପ୍ରତ୍ୟାଖ୍ୟାନ କରୁଥିବା ସଂଲଗ୍ନକ-1 ଅଧୀନରେ ଥିବା ଆକ୍ଷେପିତ ଆଦେଶକୁ ରଦ୍ଦ କରି ଦିଆଯାଉଛି । ବାଦୀ/ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ସଂଶୋଧନ ଆବେଦନକୁ ଅନୁମତି ଦିଆଯାଉଛି । ଏହାକୁ ଧ୍ୟାନରେ ରଖି ଯେ ଏହି ମକଦ୍ଦମା 2003 ମସିହାର ଅଟେ ଏବଂ 2022 ମସିହାରେ ସଂଶୋଧନ ପାଇଁ ଆବେଦନ କରାଯାଇଥିଲା, ଏହି ନ୍ୟାୟାଳୟ ଅନୁଭବ କରନ୍ତି ଯେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତିବାଦୀମାନଙ୍କୁ ପର୍ଯ୍ୟାପ୍ତ ମୂଲ୍ୟର କ୍ଷତିପୂରଣ ଦିଆଯିବା ଉଚିତ ।

10 . ତଦନୁସାରେ, ଏହି ନ୍ୟାୟାଳୟ ନିର୍ଦ୍ଦେଶ ଦେଉଛନ୍ତି ଯେ ସଂଶୋଧନ ପରେ ଏକତ୍ରୀକୃତ ଅର୍ଜିକୁ ଟ. 10000/- (କେବଳ ଦଶ ହଜାର ଟଙ୍କା) ମୂଲ୍ୟ ପ୍ରଦାନ କଲେ ହିଁ ଗ୍ରହଣ କରାଯିବ, ଯାହା ପନ୍ଦର ଦିନ ମଧ୍ୟରେ ସଂଶୋଧିତ ଅର୍ଜିର ନକଲ ସହିତ ପ୍ରତିବାଦୀମାନଙ୍କୁ ପ୍ରଦାନ କରାଯିବ । ଏହା କହିବା ଅନାବଶ୍ୟକ ଯେ ପରବର୍ତ୍ତୀ ଦୁଇ ସପ୍ତାହ ମଧ୍ୟରେ ସଂଶୋଧିତ ଅର୍ଜି ଉପରେ ଅତିରିକ୍ତ ଲିଖିତ ବିବୃତି ଦାଖଲ କରିବାକୁ ପ୍ରତିବାଦୀମାନେ ସ୍ୱାଧୀନ ଅଟନ୍ତି । ଏହା ସ୍ପଷ୍ଟ କରାଯାଉଛି ଯେ ଯଦି ଉପରୋକ୍ତ ନିର୍ଦ୍ଧାରିତ ସମୟ ମଧ୍ୟରେ ଉପରୋକ୍ତ ମୂଲ୍ୟ ସହିତ ସଂଶୋଧନ ପରବର୍ତ୍ତୀ ଏକତ୍ରୀକୃତ ଅର୍ଜି ଦାଖଲ କରାଯାଇନଥାଏ, ତେବେ ଏଠାରେ ସଂଲଗ୍ନକ-1 ଅନୁଯାୟୀ ଆକ୍ଷେପିତ ଆଦେଶକୁ ପୁନଃ ପ୍ରବର୍ତ୍ତନ କରାଯିବ । ବିଚାର କରୁଥିବା ବିଜ୍ଞ ନ୍ୟାୟାଳୟ ମଧ୍ୟ ଏହି ମକଦ୍ଦମାର ଶୀଘ୍ର ସମାଧାନ କରିବା ପାଇଁ ପ୍ରୟାସ କରିବେ ।

11 . ତାରିଖ 11 ଜାନୁଆରୀ, 2023 ରେ ପାରିତ ଆଇଏ ସଂଖ୍ୟା. 5/2023 ର ମଧ୍ୟବର୍ତ୍ତୀକାଳୀନ ଆଦେଶ ବାତିଲ କରା ହେଲା ।

ଉପଯୁକ୍ତ ଆବେଦନ ଉପରେ ଆଦେଶର ଜରୁରୀ ପ୍ରମାଣୀକୃତ ନକଲ ଜାରି କରନ୍ତୁ ।

HIGH COURT
सत्यमेव जयते
ORISSA

***(କେ. ଆର୍. ମହାପାତ୍ର)***
***ନ୍ୟାୟମୂର୍ତ୍ତି***

*ଏସ୍. ଏସ୍. ଶତପଥୀ*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇ ନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟ ର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ : ଶ୍ରୀ ଓଜସ୍ୱୀ କୁମାର ସାହୁ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ : କଟକ